## ଜାତୀୟ ରାଜପଥ ଭୁଲ୍ ସର୍ଭେରୁ ଦୁର୍ଦ୍ଦଶା

# ବର୍ଷା ଦିନେ ୫ ହଜାର ଲୋକ ହେବେ ଜଳବନ୍ଦୀ

**ବାଲିଚନ୍ଦ୍ରପୁର,୨୨।୬(ସମିସ)**

୫୩ ନମ୍ବର ଜାତୀୟ ରାଜପଥର ପତରାଜପୁର ଠାରେ ଗଳି ପୋଲ ଓ ଜଳ ନିଷ୍କାସନ ସୁବିଧା ଦାବି ନେଇ ପତରାଜପୁର ନାଗରିକ ମଞ୍ଚର ସଭାପତି ତଥା ସମିତିସଭ୍ୟ କୁଳମଣି ବାରିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଗଣଧାରଣାରେ ବସିଛନ୍ତି।

ସୂଚନା ମୁତାବକ ଏହି ଜାତୀୟ ରାଜପଥ ୮ ଲେନ୍ ସମ୍ପ୍ରସାରଣର ନିର୍ମାଣ କାର୍ଯ୍ୟ ଏବେ ଶେଷ ହେବାକୁ ବସିଛି। ତେବେ ଏହି ରାଜପଥର ଦକ୍ଷିଣ ପାର୍ଶ୍ୱରୁ ଉତ୍ତର ପାର୍ଶ୍ୱକୁ ଯାତାୟତ ପାଇଁ କୌଣସି ସୁବିଧା ନଥିବାରୁ ଉତ୍ତର ପାର୍ଶ୍ୱରେ ଥିବା ଚାଷୀମାନଙ୍କର ଚାଷ ଜମିକୁ ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ କରାଯାଇ ୮ ଲେନ୍ ରାସ୍ତା ନିର୍ମାଣ କରାଯିବା ଦ୍ୱାରା ବର୍ଷା ଦିନେ ଜଳ ନିଷ୍କାସନ ହୋଇ ନପାରିବାରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ପାଞ୍ଚ ସହ ଏକରରୁ ଅଧିକ ଚାଷ ଜମିରେ ୩ରୁ ୪ ଫୁଟର ପାଣି ଜମି ରହୁଥିବାରୁ ୨ବର୍ଷ ହେବ ଧାନ ଫସଲ ଭଲରେ ହୋଇ ପାରୁନାହିଁ। ରାସ୍ତା ପାରି ହୋଇ ଚାଷ ଜମିକୁ ଯିବା ପାଇଁ କୌଣସି ସୁବିଧା ନ ଥିବା ହେତୁ ପତରାଜପୁର ଚାଷୀମାନେ ଦୁଇ କିଲୋମିଟର ଦୂର ନଳିପୁର ଗଳି ପୋଲ ବାଟେ ୟୁ-ଟର୍ଣ୍ଣ ନେଇ ନିଜ ନିଜ ଜମିକୁ ଟ୍ରାକ୍ଟର, ହଳ ଲଙ୍ଗଳ ନେବା ପାଇଁ ବାଧ୍ୟ ହେଉଛନ୍ତି। ଡ୍ରେନେଜ୍ ସୁବିଧା ନ ଥିବାରୁ ଘର ଭିତରେ ପାଣି ପଶି ଲୋକ ମାନଙ୍କର ବହୁ ଧନଜୀବନ କ୍ଷତି ହେଉଛି। ସେହିପରି ପତରାଜପୁର ପଞ୍ଚାୟତର ଶିଂହସାହି, ପରମାଣିକ ସାହି ସହିତ ଓ ଆମ୍ବସୌରୀ ଗ୍ରାମର ଦଳିତ ସାହି ଓ ନାୟକ ସାହିର ଜନ ସାଧାରଣ ଓ ଛାତ୍ରଛାତ୍ରୀ ଜାତୀୟ ରାଜପଥ ଅତିକ୍ରମ କରି ଦକ୍ଷିଣ ପାର୍ଶ୍ୱରେ ଥିବା ବାଲିଚନ୍ଦ୍ରପୁର ବଜାର ଓ ବିଭିନ୍ନ ବିଦ୍ୟାଳୟକୁ ଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହାର ପ୍ରତିକାର ପାଇଁ ପତରାଜପୁର ନାଗରିକ ମଞ୍ଚ ପକ୍ଷରୁ ୨୦୨୫ ମସିହା ଏପ୍ରିଲ ୪ ତାରିଖରେ ପ୍ରଥମ ଗଣଧାରଣା ହୋଇଥିଲା। ସେହି ସମୟରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଜେପି ବର୍ମା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଖୁବଶୀଘ୍ର ଗଳିପୋଲ ନିର୍ମାଣ କରାଯିବ ଓ ଜଳନିଷ୍କାସନ କରାଯିବା ପାଇଁ ଧାରଣାରେ ବସିଥିବା ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେବା ଦ୍ୱାରା ଚାଷୀ ମାନେ ବିଶ୍ୱାସ କରି ଧାରଣା ପ୍ରତ୍ୟାହାର କରିନେଇଥିଲେ। ଚାଷୀମାନଙ୍କ ଦାବି ଗୁଡିକ ଯଥାର୍ଥ ବୋଲି ଅନୁଭବ କରି ସ୍ଥାନୀୟ ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମା ଏବଂ ଚଣ୍ଡିଖୋଲ ଜଳସେଚନ ଓ ଡ୍ରେନେଜ୍ ବିଭାଗର ଅଧିକାରୀ ମାନେ ଅନୁଧ୍ୟାନ କରି ଖୁବଶୀଘ୍ର ଜଳ ନିଷ୍କାସନର ବ୍ୟବସ୍ଥା ବର୍ଷା ଦିନ ପୂର୍ବରୁ କରାଯିବ ବୋଲି ଚାଷୀ ମାନଙ୍କୁ ସୂଚନା ଦେଇଥିଲେ। ବର୍ଷ ଏକ ମାସ ବିତିଯାଇଥିଲେ ମଧ୍ୟ ବର୍ଷା ଦିନ ପୂର୍ବରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ମଞ୍ଚ ତରଫରୁ ପୁନର୍ବାର ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବିନୋଦ କୁମାର ନାୟକ, ସିପକ କୁମାର ସ୍ୱାଇଁ, ନିରୋଦ ଚନ୍ଦ୍ର ସେନାପତି, ନିର୍ମଳ କୁମାର ସାମଲ, ରମେଶ ଚନ୍ଦ୍ର ବାରିକ, ନାରାୟଣ ଚନ୍ଦ୍ର ଦାସ, ନିରଞ୍ଜନ ବଳ, ହେମନ୍ତ କୁମାର ରେଙ୍ଗଲା, ପ୍ରତାପ ସେନାପତି, ପ୍ରକାଶ ଚନ୍ଦ୍ର ବାରିକ, ସେକ୍ ଗୋରା ଓ ଚିତ୍ତରଞ୍ଜନ ବାରିକ, ରବୀନ୍ଦ୍ର ସେନାପତି, ଶତ୍ରୁଘ୍ନ ମଳିକ, ସୁମନ୍ତ ବେହେରା, ସିଦ୍ଧାନ୍ତ ସେନାପତି, ରଘୁନାଥ ବେହେରା ଓ ହଳଧର ମଳିକ ସମେତ ବହୁ ସଂଖ୍ୟକ ଚାଷୀ ସାମିଲ ହୋଇଥିଲେ। ଖୁବଶୀଘ୍ର ଦାବି ପୂରଣ ନହେଲେ ଆଗକୁ ଏକ ବଡ଼ ଧରଣର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଞ୍ଚ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଧାରଣା ବିଷୟରେ ସୂଚନା ପାଇଁ ଜାତୀୟ ପ୍ରକଳ୍ପ ଅଧିକାରୀ ଜେପି ବର୍ମାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଇ ନଥିଲେ।



ଗଳି ପୋଲ ଓ ଜଳ ନିଷ୍କାସନ ଦାବିରେ ଗଣଧାରଣା

## ଜଳିଗଲେ ୨ ଗୋରୁ, ୨ ବାଇକ୍

**ବରୁଆଁ,୨୨।୬(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ରୁଦ୍ରପୁର ପଞ୍ଚାୟତ ସିଠାଳୋଇ ଗ୍ରାମରେ ଗତକାଲି ରାତି ପ୍ରାୟ ୩ଟା ସମୟରେ ଦୋଳଗୋବିନ୍ଦ ଓଝାଙ୍କର ଦୁଇ ବଖରା ଘର ସଂପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ କିଛି ସ୍ପଷ୍ଟ ଜଣାପଡିନାହିଁ। ରାତିରେ ଘର ଭିତରେ ପରିବାର ଲୋକେ ଶୋଇଥିବା ବେଳେ ନିଆଁ ଧାସ ବାଜିବାରୁ ଜୀବନ ବିକଳରେ ଘରର ପଛପଟ ଦ୍ୱାର ଦେଇ ସମସ୍ତ ସଦସ୍ୟ ବାହାରକୁ ଦୌଡ଼ି ପଳାଇଥିଲେ। ଘର ଲୋକେ ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ପାଣି ପକାଇ ନିଆଁକୁ ଆୟତ୍ତ କରିବାରେ ବିଫଳ ହୋଇଥିଲେ। ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଘର ମଧ୍ୟରେ ଥିବା ୨ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଗୋଟିଏ ବାଇକ୍, ଗୋଟିଏ ଇଭି ସ୍କୁଟି ସହ ନିଜର କୌଳିକ ବୃତ୍ତିରେ ବ୍ୟବହୃତ ବହୁମୂଲ୍ୟ ଯନ୍ତ୍ରାଂଶ ଓ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ, ଫାଇବର, ଆଲମୁନିୟମ ଆଦି ପୋଡ଼ି ପାଉଁଶ ହୋଇଥିବା ଦେଖିବାକୁ ମିଳିଛି। ସକାଳୁ ଖବର ପାଇ ନିକଟସ୍ଥ ରାଜସ୍ୱ ନିରୀକ୍ଷକ, ପ୍ରାଣିଧନ ଚିକିତ୍ସକ, ବ୍ରହ୍ମବରଦା ଥାନା ପୁଲିସ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ବିବାହ ଭୋଜି ଖାଇ ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ବିଞ୍ଝାରପୁର,୨୨।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦୀଡିହ ପଞ୍ଚାୟତର ଗୁରୁସାହି ଗ୍ରାମରେ ବିବାହ ଭୋଜି ଖାଇବା ପରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିବା ଘଟଣା ଅଞ୍ଚଳରେ ଚିନ୍ତାର କାରଣ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଗ୍ରାମରେ ଏକ ବିବାହ ଭୋଜିର ଆୟୋଜନ କରାଯାଇଥିଲା। ଗ୍ରାମର ଅଧିକାଂଶ ଲୋକ ଏହି ଭୋଜିରେ ଯୋଗଦେଇ ଖାଦ୍ୟ ଗ୍ରହଣ କରିଥିଲେ। ତେବେ ଭୋଜି ଖାଇବା ପରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ଝାଡ଼ା, ବାନ୍ତି ଓ ଅସୁସ୍ଥତାର ଲକ୍ଷଣ ଦେଖାଦେଇଥିଲା। ଖାଦ୍ୟରୁ ସଂକ୍ରମଣ ହୋଇଥିବା ମେଡିକାଲ ଟିମ୍ ପ୍ରାଥମିକ ଭାବେ ଅନୁମାନ କରୁଛି। ଖବର ପାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ଗ୍ରାମରେ ପହଞ୍ଚି ଅସୁସ୍ଥ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବା ସହ ଲୋକମାନଙ୍କୁ ସଚେତନ କରିଛନ୍ତି। ଏହାସହ ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ମଧ୍ୟ ଗ୍ରାମରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସ୍ଥିତି ଉପରେ ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଥିବା ବେଳେ କାହାରି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ନଥିବା ସୂଚନା ମିଳିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କ୍ଷିତୀଶ କୁମାର ନାୟକ କହିଛନ୍ତି ଯେ ମେଡିକାଲ ଟିମ୍ ଲଗାତାର ଭାବେ ପରିସ୍ଥିତି ଉପରେ ନଜର ରଖିଛି ଏବଂ ଆବଶ୍ୟକ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

## ଯାଜପୁର ଜିଲ୍ଲା କୋର୍ଟ ପରିସରରେ ଯୋଗ ଦିବସ

**ଯାଜପୁର,୨୨।୬(ସମିସ):** ଉଚ୍ଚ ନ୍ୟାୟାଳୟ ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କୋର୍ଟ ପରିସରରେ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଏହି ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ବୃନ୍ଦ ଏବଂ କର୍ମଚାରୀମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଦୈନିକ ଦିନଚର୍ଯ୍ୟାରେ କିପରି ଯୋଗାଭ୍ୟାସ, ଆସନ ଓ ପ୍ରାଣାୟାମକୁ ସାମିଲ କରି ନିଜକୁ ସୁସ୍ଥ ରଖିପାରିବେ, ସେ ସମ୍ପର୍କରେ ଯୋଗଗୁରୁ ବିକାଶ ଚନ୍ଦ୍ର ସାହୁଙ୍କଠାରୁ ଶିକ୍ଷା ନେଇଥିଲେ। ଏହି ଶିବିରକୁ ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ପଲ୍ଲବୀରାଣୀ ସାହୁ ଏବଂ ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପ୍ରଥମ ସ୍ମୃତିସଭା

**ଯାଜପୁର,୨୨।୬(ସମିସ):** ବରିଷ୍ଠ ସମାଜସେବୀ, ସାମ୍ବାଦିକ ତଥା କଂଗ୍ରେସ ନେତା ବାଇଧର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ବଡ଼ ପୁଅ ରାଜୀବ ଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ଦାସ, ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର ନାୟକ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ସନ୍ତୋଷ ନନ୍ଦ, ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ପ୍ରମୁଖ ଯୋଗ ଦେଇ ଯାଜପୁର ଜିଲ୍ଲା ଗଠନ ସମୟରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଉପରେ ଆଧାରିତ ଏକ ସ୍ମରଣିକା ପୁସ୍ତକ ଉପସ୍ଥିତ ଅତିଥି ମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ସହରର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଦଳୀୟ ନେତୃତ୍ୱରେ ମାନେ ଯୋଗ ଦେଇଥିଲେ।

## ଇଣ୍ଟର ନେସନାଲ ବୁକ୍ ଅଫ୍ ରେକର୍ଡ଼ସରେ କୁନି ଝିଅ




**ମଙ୍ଗଳପୁର,୨୨।୬(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତସ୍ଥ ନୀଳକଣ୍ଠପୁର ଗ୍ରାମର ୪ ବର୍ଷ ୬ ମାସର ଝିଅ ନିହାରିକା ଜେନା ଇଣ୍ଟର ନେସନାଲ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇବା ପରେ ସ୍ଥାନୀୟ ଅଞ୍ଚଳ ସମେତ ସାରା ବ୍ଲକରେ ଆନନ୍ଦର ଲହରି ଖେଳିଯାଇଛି। ନିହାରିକା ନୀଳକଣ୍ଠପୁର ଗ୍ରାମର ରାକେଶ କୁମାର ଜେନା ଓ ମାତା ଅନିତା ଜେନାଙ୍କ ଝିଅ। ସେ ମଙ୍ଗଳପୁର ସେଣ୍ଟ ଜାଭିଅର ହାଇସ୍କୁଲରେ ମଣ୍ଟେଶ୍ୱରୀ-୨ର ଛାତ୍ରୀ ଅଟନ୍ତି। ନିହାରିକା ଖୁବ କମ ସମୟ ମଧ୍ୟରେ ମଣିଷ ଶରୀରର ୨୦ଟି ଅଙ୍ଗ, ଭାରତର ୩୦ଟି ରାଜ୍ୟର ରାଜଧାନୀ, ବର୍ଷର ୧୨ ଟି ମାସ, ସପ୍ତାହର ୭ଦିନ, ଜାତୀୟ ଚିହ୍ନ, ଜାତୀୟ ସଙ୍ଗୀତ, ଶହେଟି ସାଧାରଣ ଜ୍ଞାନର ପ୍ରଶ୍ନ ଉତ୍ତର ଖୁବ କମ ସମୟ ମଧ୍ୟରେ ଦେଇ ଏହି ସଫଳତା ହାସଲ କରିଥିଲେ।

## ମିଲରଙ୍କ ଅବହେଳାରୁ ଧାନ ଉଠାଣରେ ବିଳମ୍ବ

**ବିଞ୍ଝାରପୁର,୨୨।୬(ସମିସ):** ବିଞ୍ଝାରପୁର ଜିଲାପାଳଙ୍କ ଜନସୁଣାନୀରେ ଖରିଆ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ଉଠାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମିତିକୁ ମୋଟ ୬,୫୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ମିଳିଥିବାବେଳେ ଏପର୍ଯ୍ୟନ୍ତ ମାତ୍ର ୧,୫୦୦ କ୍ୱିଣ୍ଟାଲ ଧାନ ଉଠାଣ ହୋଇଛି। ଫଳରେ ଆହୁରି ପ୍ରାୟ ୫,୦୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି।ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ନିୟୋଜିତ ମିଲର ପକ୍ଷରୁ ପର୍ଯ୍ୟାପ୍ତ ଗାଡ଼ି ଯୋଗାଇ ଦିଆଯାଉନଥିବାରୁ ଧାନ ଉଠାଣ ବ୍ୟାହତ ହେଉଛି। ସପ୍ତାହକୁ ମାତ୍ର ଗୋଟିଏ ଗାଡ଼ି ଆସୁଥିବାରୁ ମଣ୍ଡିରେ ଧାନ ବସ୍ତା ଗଦା ହୋଇ ପଡ଼ିରହିଛି। ଏଥିସହ ଚାଷୀମାନେ ନିଜ ପ୍ରାପ୍ୟ ଅର୍ଥ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି।ଏହି ସମସ୍ୟାର ତୁରନ୍ତ ସମାଧାନ ଦାବିରେ କପିଳା ସରପଞ୍ଚ ଦେବଦତ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ବହୁ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀମାନେ ମିଲରଙ୍କୁ ଅଧିକ ଗାଡ଼ି ଯୋଗାଇ ଶୀଘ୍ର ଧାନ ଉଠାଣ ବ୍ୟବସ୍ଥା କରିବା ସହ ଅବଶିଷ୍ଟ ଧାନ କ୍ରୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

## ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ




**କବାଟବନ୍ଧ,୨୨।୬(ସମିସ):** ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସୋମବାର ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରାସ୍ତା ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ୧୧ ନମ୍ବର ଜିଲ୍ଲା ପରିଷଦ ଜୋନ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଜାରକା ବିଭାଜନ-୨ ଅଧୀନରେ ଏଣ୍ଡଲବା ପଞ୍ଚାୟତ କଲାଣ୍ଡଠାରୁ ବିଛାଖଣ୍ଡି ପର୍ଯ୍ୟନ୍ତ ରାସ୍ତା ୫ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମ୍ପ୍ରସାରଣ ଏବଂ ଉନ୍ନତୀକରଣ କରାଯିବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୧ ନମ୍ବର ଜୋନ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ୧୩ ନମ୍ବର ଜୋନ ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ବ୍ଲକ ଉପାଧ୍ୟକ୍ଷା ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୦ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

**କୁଆଖିଆ,୨୨।୬(ସମିସ):** କୁଆଖିଆ ଥାନା ପୁଲିସ୍ ୨୦ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ପାଟ୍ରୋଲିଂ କରୁଥିବା ବେଳେ ମୂଳାପାଳ ଛକ ଠାରୁ ରାଜେନ୍ଦ୍ରପୁରକୁ ସଂଯୋଗ କରୁଥିବା ରାସ୍ତା ନିକଟରୁ ୩ ଜଣଙ୍କୁ ସନ୍ଦେହରେ ଧରିଥିଲା ପୁଲିସ। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ୨୦ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ଜବତ ବ୍ରାଉନସୁଗରର ମୂଲ୍ୟ ୩ଲକ୍ଷରୁ ଅଧିକ ହେବ ବୋଲି ପୁଲିସ ସୂଚନା ଦେଇଛି। ବିକ୍ରି ପାଇଁ ଏମାନେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ମାଡ଼ି ବସିଥିଲା ପୁଲିସ। ଅଭିଯୁକ୍ତ ମାନେ ହେଲେ କୁଆଖିଆ ଓ ଧର୍ମଶାଳା ଥାନା ଅଞ୍ଚଳର। ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି। ପୁଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ନିଶା ନିବାରଣ କେନ୍ଦ୍ରରେ ମୃତ୍ୟୁ ଘଟଣା

# 'ସୁଧାରପଥ'ର ମାଲିକ ସମେତ ୯ ଗିରଫ



**ଧର୍ମଶାଳା,୨୨।୬(ସମିସ):** ଧର୍ମଶାଳା ଥାନା ଜାରକା ପଣ୍ଡୁଆସ୍ଥିତ ସୁଧାରପଥ ନିଶା ନିବାରଣ କେନ୍ଦ୍ରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ପୁଲିସ ନିଶାନିବାରଣ କେନ୍ଦ୍ରର ମାଲିକ ସମେତ ୯ ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଏ ନେଇ ଯାଜପୁର ରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଧର୍ମଶାଳା ଥାନା ପରିସରରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ନିଶାନିବାରଣ କେନ୍ଦ୍ରର ମାଲିକବଡମଙ୍ଗଳପୁର ଗ୍ରାମର ରଶ୍ମିରଞ୍ଜନ ପଣ୍ଡା (୩୫), ଅନ୍ତେବାସୀ କୁଆଖିଆ ଥାନା କଲଣ ଗ୍ରାମର ସିଦ୍ଧାର୍ଥ ଶେଖର ସାହୁ (୩୧), ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଆରଡ଼ି ଗ୍ରାମର ଚନ୍ଦନ କୁମାର ଦାସ (୨୮), ବିଞ୍ଝାରପୁର ଥାନା ସ୍ୱାଇଁକୁଳ ଗ୍ରାମର ବିଶ୍ୱଜିତ ରଥ (୨୨), ଧର୍ମଶାଳା ଥାନା ଚକ୍ରୋଡ଼ା ଗ୍ରାମର ମହେନ୍ଦ୍ର ପଣ୍ଡା(୩୨), କେନ୍ଦୁଝର ଜିଲ୍ଲା ମଣ୍ଡାଉ ଥାନା ଟିକଗୁମୁରା ଗ୍ରାମର ସୁମିତ ପ୍ରସାଦ (୪୦), ଜାରକା ଅଞ୍ଚଳର କୌଶିକ ପାତ୍ର (୨୫), ଉତ୍ତରଶାଶନ ଗ୍ରାମର ଆଶିଷ ଶତପଥୀ(୩୫) ଓ ବାଲେଶ୍ୱର ଜିଲ୍ଲା ଟାଉନ ଥାନା ସୁନହାଟ ଗ୍ରାମର ମିମାଂଶୁ ପାଣି (୨୨) ବୋଲି ଜଣାପଡିଛି। ଗତ ୧୯ ତାରିଖ ସକାଳେ ଭଗବାନପୁର ଗ୍ରାମର ରାଜୀବ ବାରିକ (୩୮)ଙ୍କୁ ଅନ୍ତେବାସୀମାନଙ୍କ ଚୁଟି ଓ ଦାଢ଼ି କାଟିବା ପାଇଁ ଡକାଇଥିଲେ। ତେବେ ପରେ ସେଠାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ପତ୍ନୀ ତୁଳସୀ ବାରିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୨୫୨/୨୬ରେ ଏକ ମମଲା ରୁଜୁ କରି ୯ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନେଇ ପୁଲିସ ସୂଚନା ଦେଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର




**ବିଞ୍ଝାରପୁର,୨୨।୬(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୩ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଯାଜପୁର, ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଞ୍ଝାରପୁର ଛବିରାଣୀ ସାହୁ, ତହସିଲଦାର, ବିଞ୍ଝାରପୁର ପ୍ରମୋଦ ବାସ୍କେ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଆତଙ୍କିଙ୍କ ଟେର ପାଉନି ପୁଲିସ, ଭୟଭୀତ ଅଞ୍ଚଳବାସୀ

**ରଗଡ଼ି,୨୨।୬(ସମିସ):** କୋରାଇ ଥାନା ପୂର୍ବକୋଟ ହାଇସ୍କୁଲ ନିକଟରେ ରବିବାର ଅପରାହ୍ନରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଅନ୍ୟ ବାଇକ୍‌ରେ ଥିବା ଦୁଇଜଣ ଯୁବକଙ୍କ ଉପରକୁ ଗୋଡ଼ାଇ ଗୋଡ଼ାଇ ଗୁଳି ମାଡ଼ ଉଦ୍ୟମ କରିଥିଲେ। କିନ୍ତୁ ସେହି ଗୁଳି କାହାରି ଦେହରେ ବାଜିନଥିଲା। ବାଇକ୍ ପଛରେ ବସିଥିବା ଯୁବକ ଦୁଇ ହାତରେ ଦୁଇଟି ବନ୍ଧୁକରେ ଗୁଳି ଚାଳନା କରିଥିବା ସିସିଟିଭି ଫୁଟେଜରୁ ଜାଣିବାକୁ ମିଳିଛି। ପୂର୍ବ ଶତ୍ରୁତାରୁ ଏଭଳି ହୋଇଥିବା ସୂଚନା ମିଳିଛି। ଗୁଳି କରିଥିବା ଆତଙ୍କୀ ଜିଲ୍ଲା ବାହାରର ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ଉପରେ ଆକ୍ରମଣ ପାଇଁ ଉଦ୍ୟମକରାଯାଇଥିଲା। ଖବର ପାଇ କୋରାଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ ସିସିଟିଭି ଫୁଟେଜ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ବ୍ୟତୀତ ବନ୍ଧୁକର ଏକ ଖୋକା ଓ ଗୁଳି ମାଡ଼ ହୋଇଥିବା ବାଇକକୁ ପୁଲିସ ଜବତ କରିଛି। ସାଇଣ୍ଟିଫିକ ଟିମ୍ ଦ୍ୱାରା ମଧ୍ୟ ଘଟଣାର ତଦନ୍ତ କରାଯାଇଛି। ଏ ସମ୍ପର୍କରେ କୋରାଇ ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କୁ ପଚାରିବାରୁ ଘଟଣାର ସିସିଟିଭି ଫୁଟେଜ ଆମେ ପାଇଛୁ, ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା କହିଥିଲେ। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି।



## ସୁକିନ୍ଦାରେ ଯୋଗ ଦିବସ

**ସୁକିନ୍ଦା,୨୨।୬(ସମିସ):** ବିଜେପି ପକ୍ଷରୁ ସୁକିନ୍ଦା ଷ୍ଟାଡିୟମରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବବର୍ଗ, ମହିଳା, ବୁଦ୍ଧିଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଦଳୀୟ କର୍ମକର୍ତ୍ତା ଓ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସୁକିନ୍ଦା ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ଓ ଆକର୍ଷଣ ଆହୁରି ବଢ଼ିଥିବା ଦେଖିବାକୁ ମିଳିଛି। ଉପସ୍ଥିତ ଅଂଶଗ୍ରହଣକାରୀମାନେ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରି ସୁସ୍ଥ ଓ ନିରୋଗ ଜୀବନ ଗଠନ ପାଇଁ ସଂକଳ୍ପ ନେଇଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

# ପ୍ରଧାନଶିକ୍ଷକଙ୍କ ସମେତ ୪ ଶିକ୍ଷକଙ୍କ ବେତନ ବନ୍ଦ ନିର୍ଦ୍ଦେଶ

**ପ୍ରୀତିପୁର,୨୨।୬(ସମିସ):** ଯାଜପୁର ଶିକ୍ଷାଅଧିକାରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ ବେଳେ ଏକାଧିକ ବେଆଇନ ତଥା ସ୍ୱଚ୍ଛାଚାରିତା ଅନୁଭବ କରି ବିଞ୍ଝାରପୁର ବ୍ଲକର ୪ ଜଣ ଶିକ୍ଷକଙ୍କ ବେତନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଅଚାନକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକଙ୍କ ସହିତ ମାଁସଡ଼ା ଛକ ନିକଟ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟକୁ ପୂର୍ବାହ୍ନ ୧୧ଟା ସମୟରେ ପରିଦର୍ଶନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟର ଅବସ୍ଥା ଓ ଶିକ୍ଷକମାନଙ୍କ କାର୍ଯ୍ୟକଳାପ ଅବଲୋକନ କରି ଉତ୍‌କ୍ଷିପ୍ତ ହୋଇଥିଲେ। ପୂର୍ବାହ୍ନ ୧୧ଟା ହୋଇ ସାରିଥିଲେ ମଧ୍ୟ ଶ୍ରେଣୀ କକ୍ଷ ଗୁଡିକରେ ଶିକ୍ଷକମାନେ ଉପସ୍ଥିତ ନଥିଲେ। ଛାତ୍ର ଉପସ୍ଥାନ ପଡ଼ିନଥିବା ବେଳେ ଶିକ୍ଷକ ଉପସ୍ଥାନରେ ଶିକ୍ଷକମାନେ ଦସ୍ତଖତ କରିଥିଲେ। ବିଦ୍ୟାଳୟରେ ସମୁଦାୟ ୧୩୪ ଛାତ୍ରଛାତ୍ରୀ ଥିଲେ ମଧ୍ୟ ଉପସ୍ଥାନ କମ ଥିଲା। ଏହାଛଡା ବିଦ୍ୟାଳୟର ପରିସର ସଫେଇ ହୋଇ ନ ଥିବାରୁ କ୍ଲିନନେସ ଆଦୌ ବାରି ହେଉ ନଥିଲା। ଶିକ୍ଷକମାନଙ୍କ ମଧ୍ୟରୁ କେତେକ ୟୁନିଫର୍ମରେ ନ ଥିଲେ। ଏହାକୁ ନେଇ ଶିକ୍ଷାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାହୁ, କବିତା ସାହୁ ଓ ଭାଗ୍ୟଶ୍ରୀ ଦାଶଙ୍କ ଦରମା ବନ୍ଦ କରିବାକୁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ସମ୍ପର୍କରେ ବିଇଓ ଶ୍ରୀ ମଲ୍ଲିକଙ୍କୁ ପଚାରିଲାରୁ ସେ ଘଟଣାର ସତ୍ୟତାକୁ ସ୍ୱୀକାର କରିଥିଲେ।

### ଧାମନଗର-ଦଶରଥପୁର ବୈତରଣୀ ସେତୁ ଏବେ ବି ଅଧପନ୍ତରିଆ

# ବିପଦସଙ୍କୁଳ ବାଉଁଶ ଚାରା ଭରସାରେ ହଜାର ହଜାର ଲୋକ





**ଧୁସୁରୀ,୨୨।୬(ସମିସ)**: ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଓ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ସମେତ ପଡ଼ୋଶୀ ତିହିଡ଼ି ବ୍ଲକ୍‌ର ସାଧାରଣ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା ଦତପୁର-ବେତାଳିଗାଁ ନିକଟରେ ବୈତରଣୀ ନଦୀ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ। ଏହି ଦାବିକୁ ପୂରଣ କରିବା ପାଇଁ ୨୦୧୯ରେ ସେତୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ସେତେବେଳେ ଅଞ୍ଚଳବାସୀ ମନେ କରିଥିଲେ ଯେ, ବର୍ଷବର୍ଷର ସମସ୍ୟାର ଅବସାନ ଘଟିବ ଏବଂ ଯାତାୟାତ ବ୍ୟବସ୍ଥା ସୁଗମ ହେବ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି, ସେତୁ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ସେତୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଆପ୍ରୋଚ୍ ରୋଡ୍ କେବେ ହେବ, ସେତୁ କେବେ ସମ୍ପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ଖୋଲାଯିବ, ସେନେଇ ଠିକଣାରେ, ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ଓ ଭରସାଯୋଗ୍ୟ ସୂଚନା ମିଳୁନାହିଁ। ସେତୁ ନିର୍ମାଣରେ ବିଳମ୍ବ ଯୋଗୁଁ ଆଜି ମଧ୍ୟ ହଜାର ହଜାର ଲୋକ ନଦୀ ପାର୍ ହେବା ପାଇଁ ବିପଦସଙ୍କୁଳ ବାଉଁଶ ଚାରା ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ଛାତ୍ରଛାତ୍ରୀ, ଚାଷୀ, ଶ୍ରମିକ ଓ ସାଧାରଣ ଲୋକ ଜୀବନକୁ ବାଜି ଲଗାଇ ଏହି ଚାରା ଦେଇ ଯାତାୟାତ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ବାଉଁଶ ଚାରାରୁ ଖସିପଡ଼ି ଅନେକ ଲୋକ ପ୍ରାଣ ହରାଇଥିବା ସହ ଅନେକେ ଆହତ ମଧ୍ୟ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେତୁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବର୍ଷା ଋତୁ ଆସୁଥିବାବେଳେ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବାଉଁଶ ଚାରା ଉପରେ ଯାତାୟାତ ଆହୁରି ବିପଦପୂର୍ଣ୍ଣ ହେବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ଅଞ୍ଚଳବାସୀଙ୍କ ଦାବି, ସରକାର ଓ ପ୍ରଶାସନ ତୁରନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରି ସେତୁର ଆପ୍ରୋଚ୍ ରୋଡ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ନଚେତ୍ ଲୋକଙ୍କ ଜୀବନ ସହ ଚାଲିଥିବା ଏହି ଖେଳ ଆଗାମୀ ଦିନରେ ଆହୁରି ଭୟାବହ ପରିସ୍ଥିତି ସୃଷ୍ଟି କରିପାରେ।

### ରବି ଧାନ ମଣ୍ଡିରେ ବର୍ଷା ବିପତ୍ତି

## ଗାଡ଼ି ଦେଉନି ମିଲର୍; ଚିନ୍ତାରେ ଚାଷୀ

**ଦଶରଥପୁର,୨୨।୬(ସମିସ)**: ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ରଶାସନିକ ଅବହେଳା ଓ ପ୍ରକୃତିର ଦାଉ ଦଶରଥପୁର ବ୍ଲକ ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ବ୍ଲକରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଇତି ମଧ୍ୟରେ ଦେଢ଼ ମାସ ବିତିଲାଣି। ଆଉ ଦିନ କେଇଟା ପରେ ଏହା ଶେଷ ହେବ। ହେଲେ ଏପର୍ଯ୍ୟନ୍ତ ବ୍ଲକରେ ରବି ଧାନ କିଣା ସମସ୍ୟା ଦୂର ହେଉନାହିଁ। ମଣ୍ଡିକୁ ଟୋକନ ପାଇଥିବା ଚାଷୀ ଧାନ ଆଣୁଛନ୍ତି। ହେଲେ ଧାନକୁ କିଣା ଯାଉନାହିଁ। ଦରକାର ଅନୁଯାୟୀ ଗାଡି ଆସୁନଥିବା ବେଳେ ଯେଉଁ ମିଲର ଗାଡି ପଠାଉଛି ସେହି ମିଲରଙ୍କ କଟନୀଛଟନୀ ପ୍ରସ୍ତାବରେ ଚାଷୀ ଅରାଜି ହେଲେ ଚାଷୀର ଧାନ ମଣ୍ଡିରେ ପଡି ରହୁଛି। ନିଜାମପୁର ପ୍ୟାକ୍ସ ପରିଚାଳିତ ଧାନ ମଣ୍ଡିରେ ଧାନ ବିକିବାକୁ ନାମ ପଞ୍ଜିକୃତ କରିଥିବା ୬୦୦ ଚାଷୀଙ୍କ ମଧ୍ୟରୁ ଅନେକ ଚାଷୀଙ୍କୁ ମଣ୍ଡିରେ ଧାନ ବିକିବାକୁ ଟୋକନ ମିଳି ନଥିବା ବେଳେ ପଞ୍ଜୀକରଣ ସମୟରେ ବୈଷୟିକ ତ୍ରୁଟି ଯୋଗୁ ନିଜାମପୁର ପ୍ୟାକ୍ସ ଅଧୀନରେ ଥିବା ୨୦୦ରୁ ଅଧିକ ଧାନ ଚାଷୀ ନାମ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ କେତେକ ଚାଷୀଙ୍କୁ ଟୋକନ ମିଳିଥିଲେ ସୁଦ୍ଧା ସେଥିରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ ରହିଛି। ଏହାକୁ ନେଇ ପ୍ୟାକ୍ସ ଅଧୀନ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଲାଗି ରହିଛି।ସେହିପରି କମାରଡିହି ପ୍ୟାକ୍ସ ପରିଚାଳିତ ଧାନ ମଣ୍ଡିରେ ଏଥର ୧୨୫୨ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଟୋକନ ପ୍ରାପ୍ତ ଚାଷୀଙ୍କ ପାଇଁ ବିଭାଗ ତରଫରୁ ୫୧୨ହଜାରରୁ ଅଧିକ କ୍ୱିଣ୍ଟାଲ ପରିମାଣର ଟାର୍ଗେଟ ପ୍ରଦାନ କରାଯାଇଥିବା ବେଳେ ଆଜି ସୁଦ୍ଧା ୫୦୦ ଟୋକନ ପାଇଥିବା ଚାଷୀଙ୍କ ଠାରୁ ୧୨୫୨ କ୍ୱିଣ୍ଟାଲ ଧାନ କିଣା ହୋଇଛି। ଅପରପକ୍ଷେ ମିଲର ମାନେ ସ୍ୱାଭାବିକ ପ୍ରକ୍ରିୟାରେ ଧାନ ଉଠାଉନଥିବାରୁ ଚାଷୀମାନେ ସପ୍ତାହ ସପ୍ତାହ ଧରି ମଣ୍ଡିରେ ଧାନକୁ ଜଗି ବସିଛନ୍ତି। ଏପରି ସ୍ଥିତିରେ ଅଦିନିଆ ବର୍ଷା ଯୋଗୁ ମଣ୍ଡିରେ ଥିବା ଧାନ ଓଦା ହେବା ସମ୍ଭାବନା ବୃଦ୍ଧି ପାଇଛି। ଓଦା ହୋଇଥିବା ଧାନକୁ ମିଲର କ୍ରୟ କରିବ କି ନାହିଁ କିମ୍ବା ଚାଷୀ ଚିନ୍ତାରେ ପଡ଼ିଛି। ଯାହାକୁ ନେଇ ଆଜି କମାରଡିହି ପ୍ୟାକ୍ସ ସଭାପତି ଭାଗୀରଥି ସାହୁଙ୍କ ନେତୃତ୍ୱରେ ପୂର୍ବତନ ସମିତିସଭ୍ୟ ତଥା ମଳୟ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବୋର୍ଡ ମେମ୍ବର ବିରଜା ମଲ୍ଲିକ, ଯୁବ ସମାଜସେବୀ ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଜିଲ୍ଲାପାଳ ଅମୃତ କୁମାର କର, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ଜିଲ୍ଲା ସମବାୟ ବିଭାଗର ଅଧିକାରୀଙ୍କୁ ଭେଟି ବାକି ରହିଥିବା ଅବଶିଷ୍ଟ ଦିନରେ ଟୋକନପ୍ରାପ୍ତ ଚାଷୀଙ୍କ ଧାନ କିଣା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଲିଖିତ ଭାବେ ଦାବି ଜଣାଇବା ସହିତ ଏଥିରେ ବ୍ୟତିକ୍ରମ ହେଲେ ଅଞ୍ଚଳ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଗୋଳ ଠୋକ କହିଥିବା ଜଣାଯାଇଛି।

## ରାମପୁର ଓ ଗଣିଜାଙ୍ଗରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ

**ବନ୍ତ/ଆଗରପଡ଼ା,୨୨।୬(ସମିସ)**: ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ ସୋମବାରଠାରୁ ତିନି ଦିନ ଧରି ଅନୁଷ୍ଠିତ ହୋଇଛି। ସୋମବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗିରିଧାରୀ ସାହୁ ସଭାପତିତ୍ୱ କରିଥିଲେ। ଜିତେନ୍ଦ୍ର କୁମାର ନାୟକ, ତପନ କୁମାର ବାରିକ୍, ସୋମନାଥ ସୁତାର, ସମିତିସଭ୍ୟା କୁନି ମୁଣ୍ଡା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ ଓ ଯୋଜନାର ସୁବିଧା ବିଷୟରେ ଅବଗତ କରାଇଥିଲେ। ଏହି ଯୋଜନା ଅନୁସାରେ, ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏ ଅଧୀନରେ ଥିବା ହିତାଧିକାରୀମାନଙ୍କୁ ପୂର୍ବରୁ ମିଳୁଥିବା ଚାଉଳ ସହ ଅତିରିକ୍ତ ୫ କିଲୋଗ୍ରାମ୍ ଚାଉଳ ମାଗଣାରେ ପ୍ରଦାନ କରାଯିବ। ଫଳରେ ପ୍ରତି ବ୍ୟକ୍ତିଙ୍କୁ ମୋଟ୍ ୧୦ କିଲୋଗ୍ରାମ୍ ଚାଉଳ ମିଳିବ। ଏହା ରାଜ୍ୟର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ନିରଞ୍ଜନ ଭୂୟାଁ, ନୀଳାଦ୍ରି ମହାପାତ୍ର, ବୁଦ୍ଧିରାମ ନାୟକ, ମଣ୍ଟୁ ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳଙ୍କ ସମେତ ୱାର୍ଡ ସଦସ୍ୟ/ସଦସ୍ୟା, ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ବିଭିନ୍ନ ବିଭାଗୀୟ କର୍ମଚାରୀ ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ। ସେହିପରି ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ପଞ୍ଚାୟତସ୍ତରୀୟ ସମ୍ମିଳନୀ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଶୁଭାରମ୍ଭ ସୋମବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ ସଭାପତିତ୍ୱ କରିଥିଲେ। ସମିତିସଭ୍ୟ ମନୋରଞ୍ଜନ ସେଠୀ, ଏଡିଏଓ ଅନୁଷୟା ରାଉତ୍ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ ଓ ଯୋଜନାର ସୁବିଧା ବିଷୟରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହୀଧର ନାୟକ, ଅଶୋକ ବେହେରା, ସୁଶାନ୍ତ ମଲ୍ଲିକ, କୁନି ବରାଳ, ଗଜେନ୍ଦ୍ର ଘିଅ, ରଘୁନାଥ ରାଉତ୍, ନରହରି ବେହେରାଙ୍କ ସମେତ ୱାର୍ଡ ସଦସ୍ୟ/ସଦସ୍ୟା, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ବିଭିନ୍ନ ବିଭାଗୀୟ କର୍ମଚାରୀ ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ।

### ଆବାସ ଯୋଜନାରୁ ବଞ୍ଚିତ ଦମ୍ପତି

## ପାଲ ପକା ଘରେ ଅସହାୟ ଜୀବନ



**କୟାଁଗୋଲା,୨୨।୬(ସମିସ)**: ଦଶରଥପୁର ବ୍ଲକ ଅଧୀନସ୍ଥ ଥାଲକୁଡ଼ି ପଞ୍ଚାୟତ କାରଣ୍ଡୀପୁର ଗ୍ରାମର ଅନିଲ କୁମାର ଦାଶଙ୍କ ପରିବାର ସରକାରୀ ଆବାସ ଯୋଜନାରୁ ବଞ୍ଚିତ ରହି ଅଭାବ-ଅନଟନ ଭିତରେ ଦିନ କାଟୁଛନ୍ତି। ପରିବାରରେ ଅନିଲ କୁମାର ଦାଶ (୪୫), ତାଙ୍କ ପତ୍ନୀ ସ୍ନେହଲତା ଏବଂ ଦୁଇ ପିଲା ରହୁଛନ୍ତି। ଚାଳ ଛପର ପାଲ ପକା ଘରେ ଲଗାଣ ବର୍ଷା ହେଲେ ଘର ଭିତରକୁ ପାଣି ପଶି ଆସବାବପତ୍ର ନଷ୍ଟ ହେଉଛି। ଝଡ଼-ତୋଫାନ ସମୟରେ ପରିବାର ଭୟରେ ଦିନ କାଟୁଛି। ଗୋଟିଏ ବଖରା ଘରେ କଷ୍ଟରେ ଜୀବନ ଜାପନ କରୁଛନ୍ତି ଅନିଲ।

ଅନିଲଙ୍କ ଶରୀର ଚର୍ମରୋଗ ଯୋଗୁଁ ଧଳା ଛଉରେ ଭରି ହୋଇଛି। ତେଣୁ ଖରା, ବର୍ଷା, ଶୀତରେ ବାହାରେ ମୂଲ ମଜୁରୀ କରି ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ପୁଅ ଦଶମ ପାସ କରିଥିବା ବେଳେ ଝିଅଟି କଲେଜରେ ପାଠ ପଢୁଛି। ଆର୍ଥିକ ସଙ୍କଟ ଯୋଗୁଁ ପିଲାମାନଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ଘର ଖଣ୍ଡେ ପାଇଁ ଅନିଲ ବାରମ୍ବାର ସରପଞ୍ଚ ଓ ଲୋକ ପ୍ରତିନିଧିଙ୍କୁ ଭେଟିଛନ୍ତି, କିନ୍ତୁ ନିରାଶ ହୋଇଛନ୍ତି। ପଞ୍ଚାୟତରେ ପ୍ରକାଶ ପାଉଥିବା ହିତାଧିକାରୀ ତାଲିକାରେ ତାଙ୍କ ନାମ ଏ ପର୍ଯ୍ୟନ୍ତ ଆସିନାହିଁ। ସରକାରୀ ନିୟମ ଅନୁଯାୟୀ ପ୍ରଥମେ ଭିନ୍ନକ୍ଷମଙ୍କୁ ଗୃହ ଦିଆଯିବା କଥା, କିନ୍ତୁ ଅନିଲଙ୍କ ପରି ଗରିବ ପରିବାରକୁ ପ୍ରଶାସନ ଅଣଦେଖା କରି ଅନ୍ୟମାନଙ୍କୁ ଘର ଦେଉଥିବା ଅଭିଯୋଗ ହୋଇଛି। ଅନିଲ କେବଳ ସରକାରଙ୍କ ରାସନ କାର୍ଡ ପାଇଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କ ପରିବାର ଉପରେ ପ୍ରଶାସନର ନଜର ପଡ଼ିନାହିଁ। ତୁରନ୍ତ ଏହି ପରିବାରକୁ ସରକାରୀ ଆବାସ ପ୍ରଦାନ କରିବାକୁ ଦାବି ହୋଇଛି।

## ଗ୍ରାମୀଣ ପୁନଃ ନିର୍ମାଣ ସଂସ୍ଥା କର୍ମଚାରୀଙ୍କ ଧାରଣା

**ବଡଚଣା,୨୨।୬(ସମିସ)**: ଦୀର୍ଘ ଦିନ ଧରି ଗ୍ରାମୀଣ ପୁନଃ ନିର୍ମାଣ ସଂସ୍ଥାରେ ଜଣେ ଜଣେ ସ୍ୱେଚ୍ଛାସେବୀ ହୋଇ ଗ୍ରାମାଞ୍ଚଳରେ ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କୁ ଆତ୍ମ ନିଯୁକ୍ତି କରିବା ପାଇଁ ବିଭିନ୍ନ




ପ୍ରଶିକ୍ଷଣ ଦେଇ ଆସିଥିବା, ଦେଶ ଓ ରାଜ୍ୟ ପୁନଃ ନିର୍ମାଣରେ ନିଜର କର୍ତ୍ତବ୍ୟ କରି ଆସିଥିବା କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି। ସ୍ୱଳ୍ପ ପ୍ରୋତ୍ସାହନ ରାଶିରେ ଦୀର୍ଘ ଚାରି ଦଶନ୍ଧି ଧରି କାର୍ଯ୍ୟ କରି ଆସୁଥିବା ଏହି ପୂର୍ବତନ କର୍ମଚାରୀମାନେ ଆଜି ଗ୍ରାମୀଣ ପୁନଃ ନିର୍ମାଣ ସଂସ୍ଥାର ସମ୍ପତି ସୁରକ୍ଷା ଓ କର୍ମଚାରୀମାନଙ୍କୁ ଇପିଏଫ୍ ପ୍ରଦାନ ଦାବିନେଇ ଧାରଣାରେ ବସିଛନ୍ତି। ଚଣ୍ଡିଖୋଲ ସ୍ଥିତ ଗ୍ରାମୀଣ ପୁନଃ ନିର୍ମାଣ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ପୂର୍ବତନ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସେମାନଙ୍କ କହିବାଅନୁଯାୟୀ ଭାରତର ୭ଟି ରାଜ୍ୟରେ ଗ୍ରାମୀଣ ପୁନଃ ନିର୍ମାଣ ସଂସ୍ଥାର ଜମିବାଡ଼ି ସମ୍ପତ୍ତି ଅଛି। ମାତ୍ର ଏହି ସଂସ୍ଥାରେ ନିଯୁକ୍ତି ପାଇଥିବା କେତେକ କର୍ମଚାରୀ ସେହି ସମ୍ପତ୍ତିକୁ ବିକ୍ରି କରି ଅର୍ଥ ଆତ୍ମସାତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏଥି ସହିତ ଏହି ସଂସ୍ଥାରେ ସ୍ୱଳ୍ପ ଦରମାରେ ଚାକିରି କରି ଆସୁଥିବା ପୂର୍ବତନ କର୍ମଚାରୀ ମାନଙ୍କୁ ଇପିଏଫ୍ ଟଙ୍କା ପ୍ରଦାନ କରାଯାଉନାହିଁ। ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ସେମାନେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି। ପ୍ରତାପ ଚନ୍ଦ୍ର କୋରା, ଆଲବର୍ଟ ଡି ସିଲଭା, ସୁଜିତ୍ କୁମାର ରାଉତ, ସରୋଜ କୁମାର ସ୍ୱାଇଁ, ପ୍ରତିଭା ଜେନା, ପୁଷ୍ପଲତା ରାଉଳ, କାଦମ୍ବିନୀ ଜେନାଙ୍କ ନେତୃତ୍ୱରେ ଏହି ଧାରଣାରେ ସୁମନ ବେହେରା, ପୁଷ୍ପାଞ୍ଜଳି ରାଉତ, ଆଲୋକ ଜେନା, ସଂଯୁକ୍ତା ବିଶ୍ୱାଳ, ପ୍ରତିମା ମଞ୍ଜରୀ ଦାସ, ପାର୍ବତୀ ରାଉତ, ରିକୁରାମ ବେହେରା, ରାମଚନ୍ଦ୍ର ବାରିକ, ରାଜ୍ ନାରାୟଣ ମାଝୀ, ଡମ୍ବରୁଧର ମହନ୍ତ, ସୁମନ୍ତ କୁମାର ବେହେରା, ସୌଦାମିନୀ ମଲ୍ଲିକ, ରାଧାରାଣୀ ଭୂଇଆଁ, ସଂଘମିତ୍ରା ମଙ୍ଗରାଜ, ମଙ୍ଗୁଲ ମୁଣ୍ଡା, ଛତ୍ରପତି ଶାହା ପ୍ରମୁଖ ଶତାଧିକ କର୍ମଚାରୀ ଧାରଣାରେ ଯୋଗଦେଇଥିଲେ।

### ଏସ୍‌ଆଇଆର୍ କାର୍ଯ୍ୟରେ ଅବହେଳା

## ୮ ଜଣ ବିଏଲ୍‌ଓଙ୍କୁ କୈଫିୟତ ତଲବ

**ଦୋବଲ,୨୨।୬(ସମିସ)**: ଧାମନଗର ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟର ଡିଜିଟାଲାଇଜେସନରେ ଅବହେଳା ଓ ମନ୍ଥରଗତିକୁ ନେଇ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। କାର୍ଯ୍ୟରେ ଅବହେଳା ଅଭିଯୋଗ ଯୋଗୁଁ ୮ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଧାମନଗର ବିଡିଓ ତଥା ଅତିରିକ୍ତ ନିର୍ବାଚକ ପଞ୍ଜୀୟତ ପଞ୍ଜୀକରଣ ଅଧିକାରୀଙ୍କ ପକ୍ଷରୁ ୫ ଜଣ ମହିଳା କର୍ମଚାରୀଙ୍କୁ ନୋଟିସ୍ ଜାରି କରିଥିବାବେଳେ ଧାମନଗର ତହସିଲ୍‌ଦାର ତଥା ଅତିରିକ୍ତ ନିର୍ବାଚକ ପଞ୍ଜୀୟତ ପଞ୍ଜୀକରଣ ଅଧିକାରୀଙ୍କ ପକ୍ଷରୁ ଆଉ ୩ ଜଣ ବିଏଲ୍‌ଓଙ୍କୁ ନୋଟିସ୍ ଜାରି କରିଛନ୍ତି। ଧାମନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଥ୍ ସଂଖ୍ୟା ୧୩୪ର ପ୍ରତିଭା ଦାସ (୯୮୭ କାର୍ଯ୍ୟ ବାକି), ବୁଥ୍ ସଂଖ୍ୟା ୧୨୭ର ରେଣୁପ୍ରଭା ପଣ୍ଡା (୩୦୦ କାର୍ଯ୍ୟ ବାକି), ବୁଥ୍ ସଂଖ୍ୟା ୧ର ବାସନ୍ତୀ ସ୍ୱାଇଁ (୬୦୧ କାର୍ଯ୍ୟ ବାକି), ବୁଥ୍ ସଂଖ୍ୟା ୧୫ର ଶଶୀକଳା ଜେନା (୫୭୮ କାର୍ଯ୍ୟ ବାକି) ଓ ବୁଥ୍ ସଂଖ୍ୟା ୧୨୪ର ସୁଜାତା ବେହେରା (୪୭୦ କାର୍ଯ୍ୟ ବାକି)ଙ୍କୁ ନୋଟିସ୍ ଜାରି ହୋଇଛି। ସେହିପରି ତହସିଲ୍ ପ୍ରଶାସନ ପକ୍ଷରୁ ବୁଥ୍ ସଂଖ୍ୟା ୨୧୯ର ଆରତୀ ସାହୁଙ୍କ ବିରୋଧରେ ୭୧୨ଟି ଫର୍ମ ବାକି ଥିବା ଏବଂ ମାତ୍ର ୪୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା, ବୁଥ୍ ସଂଖ୍ୟା ୨୦୯ର ମଞ୍ଜୁଲତା ପଣ୍ଡାଙ୍କ କ୍ଷେତ୍ରରେ ୫୦୩ଟି ଫର୍ମ ପେଣ୍ଡିଂ ରହି ୩୪.୭୬ ପ୍ରତିଶତ କାର୍ଯ୍ୟ ହୋଇଥିବା ଏବଂ ବୁଥ୍ ସଂଖ୍ୟା ୨୩୩ର ପ୍ରମିଳା ଦାସଙ୍କ କ୍ଷେତ୍ରରେ ୩୬୯ଟି ଫର୍ମ ବାକି ଥାଇ ୫୦.୬୭ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ହେତୁ କୈଫିୟତ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ପାଇଥିବା ସମସ୍ତ ବିଏଲ୍‌ଓଙ୍କୁ ୩ ଦିନ ମଧ୍ୟରେ ବାକି କାର୍ଯ୍ୟ ସମ୍ପୂର୍ଣ୍ଣ କରି ସନ୍ତୋଷଜନକ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ସେମାନଙ୍କ ବିରୋଧରେ ଦୃଢ଼ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ୍ ଓ ତହସିଲ୍ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଦନ୍ତା ହାତୀକୁ କାବୁ କରିବାରେ ବିଫଳ ବନବିଭାଗ

**ଦାନଗଦି,୨୨।୬(ସମିସ)**: ଦାନଗଦି ବ୍ଲକ ରାଣୀପଡ଼ା ପଞ୍ଚାୟତରେ ଦୁଇଦିନ ହେଲା ଏକ ବଣୁଆ ଦନ୍ତା ହାତୀ ବୁଲୁଥିବାର ଦେଖିବାକୁ ମିଳୁଛି। ତେବେ ହାତିଟି କାହାର କିଛି କ୍ଷୟକ୍ଷତି କରି ନ ଥିବା ଜଣାପଡ଼ିଛି। ଖବର ପାଇ ଯାଜପୁରରୋଡ ବନ ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିଛନ୍ତି। କଙ୍କଡାଝର ଏବଂ ଭେଜୁ ବାହାଲୀ ଗାଁରେ ବିଦ୍ୟୁତ କାଟ କାଟ କରାଯାଇଛି। ହାତିଟି ଗତ ଗୁରୁବାର ରାତିରୁ ନିକଟସ୍ଥ କେନ୍ଦୁଝର ଜିଲ୍ଲାରୁ ପଳେଇଆସି ରାଣୀପଡ଼ା ପଞ୍ଚାୟତର ମୂଳାସାର ଗାଁ ପାଖ ରଗଡ଼ି ପାଟରଙ୍ଗା, ଭାଲୁକିହୁଡି ଗାଁ ଦେଇ କଙ୍କଡାଝର ଜଙ୍ଗଲକୁ ପଶି ଆସିଛି। ରାତିହେଲେ ଗାଁ ମାନଙ୍କରେ ପଶିଯାଉଛି। ରାତିରେ ଲୋକମାନେ ଭୟଭୀତ ହୋଇ ଶାନ୍ତିରେ ଘରେ ଶୋଇ ପାରୁନାହାଁନ୍ତି। ଅନ୍ୟ ପକ୍ଷେ ବିଦ୍ୟୁତ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ଭିତରେ ଗରମରେ ଶୋଇ ପାରୁନାହାଁନ୍ତି କି ଭୟରେ ବାହାରକୁ ବାହାରି ପାରୁନାହାଁନ୍ତି। ବନ ବିଭାଗ ପକ୍ଷରୁ ହାତୀର ଗତିବିଧିକୁ ତୀକ୍ଷ୍ଣ ନଜର ରଖାଯାଇଛି। ସେପଟେ ବନ ବିଭାଗ ପକ୍ଷରୁ ହାତୀକୁ କାବୁ କରିବାକୁ ଉଦ୍ୟମ ଜାରି ରହିଛି। କଟକ ଡିଏଫଓ ପ୍ରମୋଦ କୁମାର ସେଠୀ, ଏସିଏଫଓ (ଟମକା ବନାଞ୍ଚଳ ଅଧିକାରୀ) କିଶୋର କୁମାର ପାଣିଗ୍ରାହୀ, ଯାଜପୁର ରୋଡ ଫରେଷ୍ଟ ରେଞ୍ଜ ଅଫିସର ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ୫୦ ଜଣ ବନ ବିଭାଗ କର୍ମଚାରୀ କାରଖାନା ପରିସରରେ ସଜାଗ ଅଛନ୍ତି। ତେବେ ଡ୍ରୋନ୍ କ୍ୟାମେରା ଯୋଗେ ହାତୀଟିର ଗତିବିଧିକୁ ନଜର ରଖାଯାଇଛି। ଗତକାଲି ରାତିରେ ହାତୀଟି ରାଣୀପଡ଼ା ପଞ୍ଚାୟତ ମୂଳାସାର ଗାଁ ଜଙ୍ଗଲରୁ ପଳେଇ ଆସି ମେସ୍କୋ କାରଖାନା ପରିସରରେ ପସିରହିଛି। ତେବେ ହାତିଟି ଆହତ ଅବସ୍ଥାରେ ବୁଲୁଥିବା ବନବିଭାଗ ପକ୍ଷରୁ କୁହାଯାଉଛି।

## ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ଉଠାଇବାକୁ ଦାବି

**ବନ୍ତ/ଆଗରପଡ଼ା,୨୨।୬(ସମିସ)**: ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମର ବିଶ୍ୱାଳ ସାହିରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତା ଉପରୁ ଉଠାଇବାକୁ ଦାବି ହେଉଛି। ରାସ୍ତା ଉପରେ ଖୁଣ୍ଟଟି ଦଣ୍ଡାୟମାନ ଥିବାରୁ ଲୋକମାନେ ଚଳପ୍ରଚଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀକୁ ନେବା ପାଇଁ ଆମ୍ବୁଲାନ୍ସଟିଏ ଆସିପାରୁନାହିଁ। ସେହିପରି ରାସ୍ତାରେ ଯିବାଆସିବା ସମୟରେ ଗାଡ଼ିରେ ମଧ୍ୟ ଦୁର୍ଘଟଣା ଘଟୁଛି। ତେଣୁ ଟାଟା କମ୍ପାନୀ ସବୁବେଳେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବାରୁ ଓଡ଼ଙ୍ଗବାସୀ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ସୋମବାର ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗକୁ ଲିଖିତ ଅଭିଯୋଗ ପ୍ରଦାନ କରିଥିବା ଜଣାପଡ଼ିଛି।

## ୧୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

**ଭଦ୍ରକ,୨୨।୬(ସମିସ)**: ନିଶା ବେପାରର ହବ୍ ପାଲଟିଛି ଭଦ୍ରକ। ପୁଣି ବ୍ରାଉନ୍‌ସୁଗର ଜବତ ହେବା ସହ ୨ ଜଣ ଯୁବକ ଗିରଫ ହୋଇଛନ୍ତି। କଟକ ଜିଲ୍ଲା ତେଲେଙ୍ଗାପେଣ୍ଠର ୨ ଜଣ ଯୁବକ ଏକ ବାଇକ୍ ଯୋଗେ ଭଦ୍ରକ ଆସି ବ୍ରାଉନ୍‌ସୁଗର ବେପାର କରୁଥିଲେ। ଖବର ପାଇ ଭଦ୍ରକ ଟାଉନ୍ ପୁଲସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବନ୍ତ ଛକ ନିକଟରେ ତାଙ୍କୁ ଧରିବାରେ ସଫଳ ହୋଇଛି। ଏହି ୨ ଜଣ ଯୁବକଙ୍କୁ ଅଟକାଇବା ପରେ ତାଙ୍କ ନିକଟରୁ ପଖାପଖି ୧୦ ଗ୍ରାମ୍ ବ୍ରାଉନ୍‌ସୁଗରକୁ ଜବତ କରିବା ସହ ଏକ ବାଇକ୍‌କୁ ମଧ୍ୟ ଜବତ କରିଛି। ଦୁଇ ଜଣ ଯୁବକ ସ୍ୱାଧୀନ ଦାସ ଓ ବବୁଲ ବାରିକଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ପୁଲିସ। ଏହି ବ୍ରାଉନ୍‌ସୁଗର



କେଉଁଠୁ ଆଣିଲେ, କେତେଦିନ ହେବ ଏହି କାରବାରର ଲିପ୍ତ ରହିଛନ୍ତି ତାହାକୁ ନେଇ ଅଧିକ ତଦନ୍ତ ଚଳାଇଥିବା ନେଇ ଟାଉନ୍ ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ



**ଅସୁରାଳି,୨୨।୬(ସମିସ)**: ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପାଳସାହି ପଞ୍ଚାୟତ ଅଧୀନ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୭ ମସିହା ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ର ମୃତ୍ୟୁଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ନିକୁଞ୍ଜ କିଶୋର ଜେନା ଯୋଗଦେଇଥିଲେ। ଅତିଥି ଭାବେ ଗୁରୁ ହୃଦାନନ୍ଦ ସାହୁ, ଗୁରୁଶ୍ରୀ ନାରାୟଣ ଚନ୍ଦ୍ର ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବଳ, ଶିକ୍ଷା କର୍ମଚାରୀ ବାବାଜୀ ଚରଣ ନାୟକ, ଇନ୍ଦ୍ରମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅନିଲ ଦାସ ଓ ସୁଶାନ୍ତ ନାୟକ, ବିଜେଡି ନେତା ବ୍ରଜେନ୍ଦ୍ର ମହାନ୍ତି, ଆଲୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବକୁ ୧୯୯୭ ମସିହା ମ୍ୟାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀ ସ୍ୱପ୍ନରାଧା ଖଟୁଆ, ସୁଲୋଚନା ସାହୁ, ରାଜେନ୍ଦ୍ର ସୁତାର, ମଞ୍ଜୁଲତା ନାଥ, କାବେରୀ ଜେନା, ପ୍ରଭାସିନୀ ସାହୁ, ପ୍ରେମାନନ୍ଦ ସାହୁ, ଗୌତମ କର, ମମତା ସାହୁ, ସ୍ନେହଲତା ମିଶ୍ର, ଅଭୟ ଖଟୁଆ, ସୁକାନ୍ତି ସାହୁ, ଆଦିତ୍ୟ ପାତ୍ର, ସରୋଜ ବଳ, କପିଳ ଚନ୍ଦ୍ର ବାରିକ, ଯଶୋବନ୍ତ ବଳ, ପ୍ରଶାନ୍ତ ବାରିକ, ତପନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# କଂକ୍ରିଟ୍ ରାସ୍ତା ଫାଟି ଆଁ; ଲୋକେ ହନ୍ତସନ୍ତ

**ବାରିକପୁର,୨୨।୬(ସମିସ)**

### ଶୁଣିଲାନି ପ୍ରଶାସନ; ନିଜ ଅର୍ଥରେ ରାସ୍ତା ମରାମତି କଲେ ସାହି ବାସିନ୍ଦା



ସରକାର ପ୍ରତ୍ୟେକ ଗାଁରେ ପକ୍କା ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଯୋଜନା କିନ୍ତୁ ଫେଲ୍ ମାରୁଛି। ଏବେ ବି ଅନେକ ଗ୍ରାମରେ ପକ୍କା ରାସ୍ତା ତ ଦୂରର କଥା ମାଟି ରାସ୍ତାଟିଏ ବି ନିର୍ମାଣ ହୋଇପାରିନାହିଁ। ଯଦିଓ କେଉଁଠି କେମିତି ପକ୍କା ରାସ୍ତା ଖଣ୍ଡିଏ ନିର୍ମିତ ହୋଇଛି ତାହା କିନ୍ତୁ ମରାମତି ବିନା କଂକ୍ରିଟ ଫାଟି ଆଁ କଲାଣି। ରାସ୍ତାରୁ ମେଣ୍ଟାଲ ଓ ବାଲି ମସଲା ବାହାରିଗଲାଣି। ଲୋକେ ଯାତାୟାତ ପାଇଁ ଅସୁବିଧା ଭୋଗୁଛନ୍ତି। ଏମିତି ଏକ ରାସ୍ତାର ଚିତ୍ର ଦେଖିବାକୁ ମିଳିଛି ରାଜେନ୍ଦ୍ରପୁର ପଞ୍ଚାୟତ ଅଗେଇବେହେରା ବଡ଼କୋଳିପଦି ସାହିରେ। ଉକ୍ତ କ୍ଷୁଦ୍ର ସାହିରେ ପାଖାପାଖି ୧୫ରୁ ୨୦ ଘର ବସବାସ କରୁଥିବାବେଳେ ୫/୭ବର୍ଷ ପୂର୍ବରୁ ସାହି ରାସ୍ତାକୁ କିଛି ମାତ୍ରାରେ କଂକ୍ରିଟ କରାଯାଇଥିଲା। ପରିତାପର ବିଷୟ ଉକ୍ତ ରାସ୍ତା ଏବେ ଫାଟି ଆଁ କଲାଣି। ଏଥିପାଇଁ ପିଲାଠାରୁ ବୟସ୍କ ବ୍ୟକ୍ତି ଜରାଜୀର୍ଣ୍ଣ ରାସ୍ତାରେ ପଡ଼ି ଦୈନିକ ଖଣ୍ଡିଆଖାବରା ହେଉଛନ୍ତି। ଏନେଇ ଗ୍ରାମବାସୀମାନେ ସ୍ଥାନୀୟ ସରପଞ୍ଚ ଓ ନେତୃତ୍ୱମାନଙ୍କୁ ଜଣାଉଥିଲେ ସୁଦ୍ଧା ମାଟି ରାସ୍ତା ମରାମତି ହେଉନାହିଁ। ଶେଷରେ ବାଧ ହୋଇ ଗ୍ରାମର କିଛି ଯୁବକ ନିଜ ଟଙ୍କାରେ ରାସ୍ତା ମରାମତି କରିବାକୁ ଆଗେଇ ଆସିଛନ୍ତି। ରାସ୍ତା ଫାଟିଥିବା ଅଂଶକୁ ତାଡ଼ି ଆଉ ଥରେ ତାହାକୁ କଂକ୍ରିଟ କରିଛନ୍ତି। ଯୁବକମାନଙ୍କ ଏହି କାମକୁ ଅଞ୍ଚଳରେ ପ୍ରଶଂସା କରାଯାଇଥିବା ବେଳେ ସରକାରୀ ଉଦାସିନତାକୁ ନେଇ ଲୋକେ ସମାଲୋଚନା କରିଛନ୍ତି। ଗାଁର ଯୁବକ ମନୋରଞ୍ଜନ ବାରିକ, ଦେବକାନ୍ତ ଦାସ, ନୟନ କିଶୋର ସାହୁ, ପ୍ରବୀଣ ଦାସ, ରମାକାନ୍ତ ବାରିକ, ଅରୁଣ ବେହେରା ପ୍ରମୁଖ ଉକ୍ତ ରାସ୍ତା କାର୍ଯ୍ୟରେ ସାମିଲ ହୋଇଥିବା ଜଣାଯାଇଛି।

## ମରାମତି ହେଲା ବରୀ ବରୁଆଁ ରାସ୍ତା

**ବରୀ,୨୨।୬(ସମିସ)**: ବରୀ ବରୁଆଁ ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାଡ଼ ମାନ ସୃଷ୍ଟିହେବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟିଥିଲା। ଏହି ମର୍ମରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ମରାମତି ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନଥିଲା। ମାତ୍ର ଜୈନିକ ଯୁବକ ଏହି ରାସ୍ତା ମରାମତି ଦାବି କରି ଦୀର୍ଘ ସମୟ ଧରି ରାସ୍ତା ଉପରେ ଅନଶନରେ ବସିଥିଲେ। ଖବରପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବସିଥିବା ଯୁବକଙ୍କୁ ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ଯୁବକ ଜଣକ ଧାରଣାରୁ ଉଠିଥିଲେ। ପରେ ଫୋନ୍ ଯୋଗେ ଘଟଣାସ୍ଥଳରୁ ଏହି ରାସ୍ତା ମରାମତି ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ଅବଗତ କରିଥିଲେ। ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି।

